# <u>ଆଦିବାସୀ ମେଳା-୨୦୨୦</u>

## <u>ପ୍ରେସ୍ ନୋଟ୍</u>

ତା ୨୬.୦୧.୨୦୨୦

୧୯୫୧ ମସିହା ଜନରାଜ୍ୟ ଦିବସରେ ତତ୍କାଳିନ ଓଡ଼ିଶାର ରାଜଧାନୀ କଟକ ଠାରେ ଆଦିବାସୀ ମେଳାର ପ୍ରଥମ ଶୁଭାରମ୍ଭ ହୋଇଥିଲା । ଭୁବନେଶ୍ୱରକୁ ରାଜଧାନୀ ସ୍ଥାନାନ୍ତରିତ ହେବା ପରେ ୧୯୫୪ ମସିହାରୁ ଆଦିବାସୀ ମେଳା ୟୁନିଟ୍-୧ ସ୍ଥିତ, ଆଦିବାସୀ ପଡ଼ିଆଠାରେ ଅନୁଷ୍ଠିତ ହୋଇଆସୁଥିଲା ।

ଆଦିବାସୀ ମାନଙ୍କର କଳା, ସଂସ୍କୃତି, ଜୀବନ ଧାରଣର ଶୈଳୀ, ଚିତ୍ରକଳା ଓ ସ୍ଥାପତ୍ୟକୁ ପ୍ରଦର୍ଶନ କରିବା ସହିତ ବିଭିନ୍ନ ଜଙ୍ଗଲ ଜାତ ଦ୍ରବ୍ୟ ଓ ଆଦିବାସୀଙ୍କ ଉତ୍ପାଦିତ ସାମଗ୍ରୀର ବିପଣନ ଏହି ମେଳାର ମୁଖ୍ୟ ଉଦେଶ୍ୟ । ପୂର୍ବରୁ ମେଳାର ଅବଧି ଏକ ସପ୍ତାହ ଥିଲା । ଜନସାଧାରଣଙ୍କ ଆଗ୍ରହକୁ ଲକ୍ଷ୍ୟକରି ୨୦୧୦ ମସିହାରୁ ଏହାକୁ ପନ୍ଦର ଦିନକୁ ବୃଦ୍ଧି କରାଯାଇଅଛି । ଟ୍ରାଫିକ୍ ସମସ୍ୟାକୁ ଆଖି ଆଗରେ ରଖି ବିଗତ ବର୍ଷ ଠାରୁ ଏହି ମେଳାକୁ ୟୁନିଟ୍- ୩ ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡିଆକୁ ସ୍ଥାନାନ୍ତରିତ କରାଯାଇଛି । ମେଳା ଆୟୋଜନକୁ ସରଳ ଓ ଶୃଙ୍ଖଳିତ କରାଯାଇଛି ।

ଆଦିବାସୀ ମେଳା-୨୦୨୦ ସମ୍ପର୍କରେ ସୂଚନା;

ଆଦିବାସୀ ମେଳା – ୨୦୨୦ ଆଜି ଜାନୁଆରୀ ୨୬ ତାରିଖ ସଂଧ୍ୟା ୬.୦୦ ଘଟିକା ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ମେଳା ଜାନୁଆରୀ ୨୬ ତାରିଖରୁ ଫେବୃୟାରୀ ୯ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୫ ଦିନ ଧରି ଚାଲିବ । ଏହାକୁ ଏକ ବର୍ଣ୍ଣାଢ୍ୟ ଢଙ୍ଗରେ ଉପସ୍ଥାପନ କରାଯାଇଛି ।

ମେଳା ପରିସରକୁ ମୁଖ୍ୟତଃ ଆଠଗୋଟି ବିଭାଗରେ ବିଭକ୍ତ କରାଯାଇଛି । ସେଗୁଡିକ ହେଲା; ଆଦିବାସୀ ଗ୍ରାମ, ଜନଜାତି ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଭାଗ, ଆଦିବାସୀ ହାଟ, ଆଦିବାସୀ କଳାସାମଗ୍ରୀ, ସରକାରୀ ପ୍ରଭାଗ, ଆଦିବାସୀ ଖାଦ୍ୟ ବଜାର, ଆଦିବାସୀନୃତ୍ୟ ପ୍ରାଙ୍ଗଣ, କଳାଗ୍ରାମ । ପ୍ରତ୍ୟେକ ବିଭାଗ ନିଜନିଜ ପ୍ରଦର୍ଶନ ଦ୍ୱାରା ଦର୍ଶକମାନଙ୍କୁ ବିଶେଷ ଭାବରେ ଆକୃଷ୍ଟ କରିପାରିବେ ବୋଲି ଆଶା ।

- ଚଳିତ ବର୍ଷ ଆଦିବାସୀ ମେଳାରେ ମୋଟ୍ ୨୬୨ ଟି ଷ୍ଟଲ୍ ନିର୍ମାଣ କରାଯାଇଛି ।
- ଆଦିବାସୀ ଗ୍ରାମରେ ୨୧ଟି ଆଇ.ଟି.ଡି.ଏ. ଓ ୩ ଗୋଟି ମାଇକ୍ରୋ ପ୍ରୋଜେକ୍ଟ ଦ୍ୱାରା ନିର୍ମିତ ବିଭିନ୍ନ ଜନଜାତିଙ୍କର ୨୪ ଗୋଟି ପାରମ୍ପରିକ ଗୃହ ସହିତ ଗୃହ ଉପକରଣ, ଚଳଣି ଓ ପରମ୍ପରାର ଝଲକ ପ୍ରଦର୍ଶିତ ହେବ ।
- ଆଦିବାସୀ ହାଟରେ ବିଭିନ୍ନ ଆଦିବାସୀ ଓ ଜଙ୍ଗଲ ଜାତ ସାମଗ୍ରୀର ବିକ୍ରିବଟାର ବ୍ୟବସ୍ଥା ହୋଇଅଛି । ଏଠାରେ ୩୩ ଟି ପିଣ୍ଡି ରହିଛି । ଏଠାରେ ଆଇ.ଟି.ଡି.ଏ. ଓ ମାଇକ୍ରୋ ପ୍ରୋଜେକ୍ଟ ଅଂଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଓ ଉତ୍ପାଦିତ ସାମଗ୍ରୀ ବିକ୍ରୟ କରିବେ । ଏହାଛଡ଼ା ଜନଜାତି ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଭାଗରେ ୩୯ଟି ଷ୍ଟଲ ସ୍ଥାପିତ ହୋଇଛି । ଏଠାରେ ସେମାନଙ୍କ ଉତ୍ପାଦିତ ଓ ପ୍ରସ୍ତୁତ ସାମଗ୍ରୀ ବିକ୍ରୟ କରାଯିବ ।

ଏହାଛଡା ଟି.ଡି.ସି.ସି., ଟ୍ରାଇଫେଡ୍, ମିଶନଶକ୍ତି ଭଳି ବିଭିନ୍ନ ସରକାରୀ ଅନୁଷ୍ଠାନ ମଧ୍ୟ ସେମାନଙ୍କ ସହାୟତାରେ ପ୍ରସ୍ତୁତ ସାମଗ୍ରୀ ଓ ଜଙ୍ଗଲ ଜାତ ଦ୍ରବ୍ୟ ବିକ୍ରୟ ପାଇଁ ସରକାରୀ ପ୍ରଭାଗରେ ୭୩ ଗୋଟି ସୁଦୃଶ୍ୟ ଷ୍ଟଲ ନିର୍ମାଣ କରାଯାଇଛି ।

- ଆଦିବାସୀ ଚିତ୍ରକଳା ଓ କଳାସାମଗ୍ରୀ, ହସ୍ତଶିଳ୍ପ ସାମଗ୍ରୀର ବିକ୍ରୟ ପାଇଁ ସ୍ୱତନ୍ତ୍ର ୪୨ ଗୋଟି ଷ୍ଟଲ କରା ଯାଇଅଛି । ଆଦିବାସୀ କାରିଗରମାନେ ତାଙ୍କ କଳା ପ୍ରସ୍ତୁତି ପ୍ରଦର୍ଶନ ପାଇଁ କଳା ଗ୍ରାମରେ ୨୭ଟି ଷ୍ଟଲ କରାଯାଇଛି ।

Scanned by CamScanner

❖ ୨୪ଟି ଆଦିବାସୀ ଖାଦ୍ୟ ଷ୍ଟଲରେ ଆଦିବାସୀମାନଙ୍କ ଦ୍ୱାରା ପ୍ରସ୍ତୁତ ମୁଢ଼ି ମାଂସ, ପାଳୁଅ/କାଙ୍ଗୁଖିରି, ମାଣ୍ଡିଆ ଜାଉ, ମାଣ୍ଡିଆ ପିଠା, ହର୍ବାଲ ଜୁସ୍ ଆଦି ଉପଲବ୍ଧ ହେବା ସହ ଦର୍ଶକମାନେ ଏହିସବୁ ଖାଦ୍ୟର ମଜା ନେଇପାରିବେ । ଚଳିତ ବର୍ଷ ଓଡ଼ିଶା ଛଡ଼ା ଅନ୍ୟାନ୍ୟ ୧୩ଟି ରାଜ୍ୟର ଜନଜାତିଙ୍କ ଖାଦ୍ୟରଚି ସହ ସହରବାସୀ ପରିଚିତ ହେବାର ସୁଯୋଗ ପାଇବେ ।

❖ ମୁଖ୍ୟ ରଙ୍ଗମଂଚରେ ପ୍ରତ୍ୟହ ସନ୍ଧ୍ୟା ୬.୦୦ ଠାରୁ ୮.୩୦ ପର୍ଯ୍ୟନ୍ତ ଜନଜାତିଙ୍କର ପାରମ୍ପରିକ ନୃତ୍ୟ, ସଙ୍ଗୀତ, ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର କଳାକାରମାନଙ୍କ ଦ୍ୱାରା ପରିବେଷିତ ହେବ । ପ୍ରତ୍ୟହ ୭ ଗୋଟି ନୃତ୍ୟ ପ୍ରଦର୍ଶନ ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଜାନୁୟାରୀ ୩୦ ତାରିଖ ଦିନ ଶହୀଦ ଦିବସ ଉପଲକ୍ଷେ ଏକ ଭଜନ ସମାରୋହର ଆୟୋଜନ କରାଯାଇଛି । ବିଭାଗର ସାଂସ୍କୃତିକ ପରିଷଦର ସୌଖିନ କଳାକାରଙ୍କ ଦ୍ୱାରା ଫେବୃୟାରୀ ୭ ତାରିଖ ଦିନ ଜନଜାତି ସମସ୍ୟା ଭିତ୍ତିକ ଏକ ନାଟକ ମଞ୍ଚସ୍ଥ ହେବାର ସ୍ଥିର ହୋଇଛି । ଏହାଛଡା ଜାନୁୟାରୀ ୩୧, ଫେବୃୟାରୀ ୧ ଓ ୨ ତାରିଖ ଦିନ ନାଗାଲାଣ୍ଡ, ମିଜୋରାମ, ଆସାମ, ସିକିମ୍, ଛତିଶଗଡ଼, ରାଜସ୍ଥାନ, ମହାରାଷ୍ଟ୍ର, ଗୁଜୁରାଟ, ହିମାଚଳ ପ୍ରଦେଶର ଆଦିବାସୀ ନୃତ୍ୟ ପ୍ରଦର୍ଶନ ପାଇଁ ଏକ **National Tribal Dance Festival** ର ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି ।

ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ଆଦିବାସୀ ମେଳାକୁ ରାଜ୍ୟ ତଥା ବାହାରୁ ପ୍ରାୟ ୮ ରୁ ୧୦ ଲକ୍ଷ ଦର୍ଶକ ଆସିଥାଆନ୍ତି । ଏହି ମେଳାରେ ୫ ରୁ ୬ କୋଟି ଟଙ୍କାର ବ୍ୟବସାୟ ହୋଇଥାଏ । ଭୁବନେଶ୍ୱର ଓ ଏହାର ଆଖପାଖ ଅଧିବାସୀମାନେ ଓ ଓଡ଼ିଶାର ତଥା ଭାରତର ବିଭିନ୍ନ ଅଂଚଳରୁ ବହୁସଂଖ୍ୟାର ଆସିଥାନ୍ତି ଏବଂ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ବର୍ଷକ ପାଇଁ ହଳଦୀ, ମାଣ୍ଡିଆ, ମୁଗ, ବିରି, ମକା, ବାସନା ଚାଉଳ, ମହୁ, ଝୁଣା, ଝାଡୁ, ପାଳୁଅ ଆଦି ଆଦିବାସୀ ତଥା ଜଙ୍ଗଲ ଜାତ ଦ୍ରବ୍ୟ ଏହି ମେଳାରୁ କ୍ରୟ କରିଥାନ୍ତି ।

ଜନସମାଗମକୁ ଲକ୍ଷ୍ୟ ରଖି ପଡିଆ ଭିତରେ ପ୍ରଶସ୍ତ ରାସ୍ତା ଛଡା ଯାଇଛି । ଗେଟ୍ ଗୁଡିକ ଓସାରିଆ କରାଯାଇ ଅଧିକ ଦର୍ଶକ ସୁବିଧାରେ ଯେପରି ଯା ଆସ କରିବେ ତାର ବନ୍ଦୋବସ୍ତ କରାଯାଇଛି । ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଆଯାଇ, ଯେପରି ଧୂଳି ବିଶେଷ ନ ହୁଏ ସେଥି ନିମନ୍ତେ ସମସ୍ତ ଯାତାୟତ ସ୍ଥାନକୁ ଗ୍ରୀନ୍ କାର୍ପେଟରେ ଆଚ୍ଛାଦିତ କରାହୋଇଛି ଏବଂ ପାଣି ସିଞ୍ଚନ କରାଯିବାର ବ୍ୟନସ୍ଥା ହୋଇଛି ।

ସୂଚନା ଯୋଗ୍ୟ ଯେ, ମେଳା ପରିସରରେ ଦର୍ଶକମାନଙ୍କର ଯାତାୟତର ସୁବିଧାନିମନ୍ତେ ଅଧିକ ଖୋଲାସ୍ଥାନ ରଖାଯାଇଅଛି । ନିରାପତ୍ତା ଦୃଷ୍ଟିକୋଣରୁ ବ୍ୟପାକ ପୋଲିସ୍ ମୁତୟନ କରାଯିବା ସହିତ ବେସରକାରୀ ସୁରକ୍ଷା ସଂସ୍ଥାକୁ ମଧ୍ୟ ନିୟୋଜନ କରାଯାଇଅଛି । ମେଳା ପରିସର ର ବିଭିନ୍ନ କୋଣରେ ଏକାଧିକ କ୍ଲୋଜ୍ ସର୍କିଟ୍ କ୍ୟାମେରା ଲଗାଯାଇଅଛି ଏବଂ ଏହାର ମନିଟର ପୋଲିସ୍ କଂଟ୍ରୋଲ୍ ରୁମ୍ ଓ ମୁଖ୍ୟ କଂଟ୍ରୋଲ୍ ରୁମ୍‌ରେ ରହିଅଛି ।

ସୁରକ୍ଷା ଦୃଷ୍ଟିକୋଣରୁ ମୁଖ୍ୟ କଂଟ୍ରୋଲ୍ ରୁମ୍, ଆଶୁ ଚିକିତ୍ସା କେନ୍ଦ୍ର, ଅସ୍ଥାୟୀ ଦମ୍ କଳ କେନ୍ଦ୍ର, ଅସ୍ଥାୟୀ ଜନସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ନିୟନ୍ତ୍ରଣ କେନ୍ଦ୍ର ମଧ୍ୟ ଖୋଲାଯାଇଅଛି । ଆବଶ୍ୟକ ପରିମାଣରେ ଅଗ୍ନିର୍ନିବାପକ ଯନ୍ତ୍ର ପ୍ରତ୍ୟେକ ପ୍ରଭାଗରେ ମହଜୁଦ ରଖାଯାଇଛି । ଗ୍ରାହକ ମାନଙ୍କ ସୁବିଧା ପାଇଁ ଅସ୍ଥାୟୀ ATM ବସାଯାଇଛି ।

ପ୍ରତ୍ୟେକ ବର୍ଷ ଭଳି ଦର୍ଶକ ମାନେ ଏହି ମେଳାରୁ ଜିନିଷପତ୍ର କିଣାକିଣି କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ଭରପୁର ଆନନ୍ଦ ନେବାପାଇଁ ସମସ୍ତ ସୁବନ୍ଦୋବସ୍ତ ବିଭାଗ ଦ୍ୱାରା କରାଯାଇଛି ।

******

Scanned by CamScanner